# ଜୈବିକ ପାକଶାଳା ବଗିଚା







ବିଷୟ ବସ୍ତୁ

**ଡ. ବବିତା ମିଶ୍ର**
ବୈଜ୍ଞାନିକା (ଉଦ୍ୟାନ କୃଷି)

ସଂପାଦନା
**ଡ. ସୁନୀଲ କୁମାର ମହାପାତ୍ର**
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ



**କୃଷି ବିଜ୍ଞାନ କେନ୍ଦ୍ର, ଯାଜପୁର**
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

**ଆଲେଖ୍ୟ :**
ଡ. ବବିତା ମିଶ୍ର
ବୈଜ୍ଞାନିକା (ଉଦ୍ୟାନ ବିଭାଗ)

**ସଂପାଦନା :**
ଡ. ସୁନୀଲ କୁମାର ମହାପାତ୍ର
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

**ପ୍ରକାଶକ :**
କୃଷି ବିଜ୍ଞାନ କେନ୍ଦ୍ର, ଯାଜପୁର, ବଡଚଣା

**ପ୍ରଥମ ସଂସ୍କରଣ : ୨୦୨୩**

ମୁଦ୍ରଣ : ଶ୍ରୀମା ଗ୍ରାଫିକ୍ସ, ଶହୀଦ ନଗର, ଭୁବନେଶ୍ୱର

# ଜୈବିକ ପାକଶାଳା ବଗିଚା







-: ବିଷୟବସ୍ତୁ :-

**ଡ. ବବିତା ମିଶ୍ର**

ବୈଜ୍ଞାନିକା (ଉଦ୍ୟାନ ବିଭାଗ)

-: ସମ୍ପାଦନା :-

**ଡ. ସୁନୀଲ କୁମାର ମହାପାତ୍ର**

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ



**କୃଷି ବିଜ୍ଞାନ କେନ୍ଦ୍ର, ଯାଜପୁର**

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ଜୈବିକ ପାକଶାଳା ବଗିଚ୍ଚା

ଉପକ୍ରମ : ପ୍ରତ୍ୟେକ ବ୍ୟକ୍ତି ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପ୍ରତିଦିନ ୩୦୦ ଗ୍ରାମ୍ ତଟକା ପନିପରିବା ଖାଇବା ଆବଶ୍ୟକ । ୩୦୦ଗ୍ରାମ ପନିପରିବା ମଧ୍ୟରେ ଶାଗ, ଜାତୀୟ ୧୨୦ ଗ୍ରାମ୍, ମୂଳ ଓ କନ୍ଦ ଜାତୀୟ ୯୦ଗ୍ରାମ୍ ଓ ଅନ୍ୟାନ୍ୟ ପରିବା ୯୦ ଗ୍ରାମ୍ ରହିବା ଆବଶ୍ୟକ । ଖାଦ୍ୟ ନିରାପତ୍ତା ପାଇଁ  ଏବଂ ଖାଦ୍ୟ ଜନିତ ଅପପୃଷ୍ଟିକୁ ରୋକିବା ପାଇଁ ପାକଶାଳା ବଗିଚ୍ଚର ଆବଶ୍ୟକତା ରହିଛି । ପାକ୍‌ର ଅର୍ଥ ଖାଦ୍ୟ, ଶାଳା ଅର୍ଥ ଯେଉଁଠାରେ ଖାଦ୍ୟ ପ୍ରସ୍ତୁତି କରାଯାଏ । ଏହି ପାକଶାଳା ପାଇଁ ଆବଶ୍ୟକୀୟ ପନିପରିବା, ଫଳ ଇତ୍ୟାଦି ଚାଷ ପାଇଁ ଉଦ୍ଦିଷ୍ଟ ବଗିଚ୍ଚକୁ ପାକଶାଳା ବଗିଚ୍ଚ କୁହାଯାଏ । ଗୋଟିଏ ଛଅ ସଦସ୍ୟ ବିଶିଷ୍ଟ ପରିବାର ପାଇଁ ବର୍ଷସାରା ପୋଷଣଯୁକ୍ତ ପନିପରିବା, ଫଳ ଇତ୍ୟାଦି ପାକଶାଳା ବଗିଚ୍ଚ ଯୋଗାଇଥାଏ । ଏହି ବଗିଚ୍ଚ କେବଳ ପୁଷ୍ଟିକର ପନିପରିବା ଯୋଗାଏ ନାହିଁ ବରଂ ପରିବାର ସଦସ୍ୟଙ୍କୁ କାମରେ ନିୟୋଜନ କରାଇବା ସଂଗେସଂଗେ ପରିବାରର ରୋଜଗାର ମଧ୍ୟ ବଢ଼ାଇଥାଏ । ଏହି ବଗିଚ୍ଚରେ ଉତ୍ପାଦିତ ପନିପରିବା ଓ ଫଳ ଉତ୍ପାଦନରେ ଗୃହର ଅନାବଶ୍ୟକ ଜଳ ଓ ରୋଷାଇ ଘରର ଅଳିଆ, ଆବର୍ଜନାକୁ ଖତରେ ପରିଣତ କରାଯାଇ ବ୍ୟବହାର କରାଯାଏ

## ପାକାଶାଳା ବଗିଚ୍ଚା କରିବାର ଉଦ୍ଦେଶ୍ୟ

୧– ବର୍ଷସାରା ଗୋଟିଏ ଛଅ ସଦସ୍ୟ ବିଶିଷ୍ଟ ପରିବାରକୁ ଆବଶ୍ୟକ ହେଉଥିବା ପୋଷକଯୁକ୍ତ ନିରୋଗୀ ପନିପରିବା ଯୋଗାଇବା ।

୨– ଗୃହର ଆବର୍ଜନା, ଅଳିଆ, ଅବ୍ୟବହୃତ ଜଳ ଇତ୍ୟାଦିର ସୁବିନିଯୋଗ ।

୩– ପରିବାରର ସମସ୍ତ ସଦସ୍ୟଙ୍କ ସମୟର ସଦୁପଯୋଗ ।

୪– ପରିବାର ସଦସ୍ୟଙ୍କ ରୋଜଗାର ବୃଦ୍ଧି ।

୫– ଗୃହର ସୌନ୍ଦର୍ଯ୍ୟ ବୃଦ୍ଧି ।

**ପାକଶାଳା ବଗିଚା ପ୍ରସ୍ତୁତି ପୂର୍ବରୁ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ।**

୧ – ପରିବାର ସଦସ୍ୟଙ୍କ ସଂଖ୍ୟା ଅନୁସାରେ ପାକଶାଳା ବଗିଚାର ଆୟତନ ନିର୍ଦ୍ଧାରଣ ।

୨– ଗୋଟିଏ ଛଅ ସଦସ୍ୟ ବିଶିଷ୍ଟ ପରିବାର ପାଇଁ ଗୋଟିଏ ଆଦର୍ଶ ପାକଶାଳା ବଗିଚାର ଆୟତନ ୨୦୦ ବର୍ଗମିଟର ।

୩–ପାକଶାଳା ବଗିଚା ପାଇଁ ଉଦ୍ଦିଷ୍ଟ ଜମିକୁ ଛୋଟଛୋଟ କିଆରୀରେ ପରିଣତ କରିବା ଆବର୍ଶ୍ୟକ ।ପ୍ରତ୍ୟେକ ପଟାଳି ୪ ମିଟର ଲମ୍ବା ୨ମିଟର ଚଉଡା ହେବା ଆବଶ୍ୟକ । ପ୍ରତି ଦୁଇ ପଟାଳି ମଧ୍ୟରେ ଜଳସେଚନ ଓ ଜଳ ନିଷ୍କାସନ ପାଇଁ ନାଳୀର ବ୍ୟବସ୍ଥା କରାଯିବା ଆବଶ୍ୟକ ।

୪– ଅଧିକ ଉଚ୍ଚତା ବିଶିଷ୍ଟ ଗଛଗୁଡିକୁ ଯଥା- ପିଜୁଳି, ଲେମ୍ବୁ, ସଜନା, କଦଳୀ ଏବଂ ଅମୃତଭଣ୍ଡା ଇତ୍ୟାଦିକୁ ଉତ୍ତର ଦିଗରେ ଏବଂ ଛୋଟଗଛ ଗୁଡ଼ିକୁ ଦକ୍ଷିଣ ଦିଗରେ ଲାଗାଇବା ଆବଶ୍ୟକ ଯେପରିକି ଲମ୍ବାଗଛର ଛାଇ ଛୋଟ ଗଛ ଉପରେ ପଡ଼ିବ ନାହିଁ ।

୫– ଛୁଇଁ ଜାତୀୟ, ଡାଲି ଜାତୀୟ ପରିବା ଚୟନ କରିବା ଆବଶ୍ୟକ ।

୬– ବଗିଚାର ଗୋଟିଏ କୋଣରେ ଘରର ଅଦରକାରୀ ଜଳକୁ ସାଇତି ରଖିବା ପାଇଁ କୁଣ୍ଡ କରିବା ଆବଶ୍ୟକ ଯାହାକି ବଗିଚାର ଜଳସେଚନରେ ସହାୟକ ହୋଇପାରିବ ।

୭– ବଗିଚାର ଆଉ ଏକ କୋଣରେ କମ୍ପୋଷ୍ଟପିଟ୍ ରହିବା ଆବଶ୍ୟକ ଯେଉଁଥିରେ ଘରର ଆବର୍ଜନା, ଶୁଖିଲାପତ୍ର, ଗୋବର ଖତ ଇତ୍ୟାଦିକୁ କମ୍ପୋଷ୍ଟ କରିହେବ ।

୮– ବର୍ଷର କୌଣସି ସମୟରେ କିଆରୀ ଖାଲି ପକାଇବା ଉଚିତ୍ ନୁହେଁ ।

୯– ଫସଲ ଧାଡିଧାଡି କରି ଲଗାଯିବା ଆବଶ୍ୟକ ଓ ସାଧାରଣ ଚାଷରେ ରଖାଯାଉଥିବା ଦୂରତାଠାରୁ ଟିକିଏ କମ୍ ଦୂରତାରେ ଲଗାଯିବା ଉଚିତ୍ ।

୧୦– ଫସଲ ପର୍ଯ୍ୟାୟ ଅବଲମ୍ବନ କରିବା ଉଚିତ ।

୧୧– ଅନ୍ତଃ ଫସଲ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ।

୧୨– ଆବଶ୍ୟକ ଅନୁସାରେ ଖତ ସାର ପ୍ରୟୋଗ, କୀଟନାଶକ ପ୍ରୟୋଗ, ଜଳସେଚନ ଓ ଜଳ ନିଷ୍କାସନ ଉପରେ ଦୃଷ୍ଟି ଦେବା ଆବଶ୍ୟକ ।


୧୩– ଋତୁଗତ ଫସଲ, ମିଶ୍ରିତ ଫସଲ, ଫସଲ ପର୍ଯ୍ୟାୟ ଫସଲ ପଞ୍ଜିକା, ବୀଜବପନ, ଚାରାରୋପଣ, ଜଳସେଚନ, ସାର ଓ କୀଟ ନାଶକ ଔଷଧର ପ୍ରୟୋଗ ଓ ଫସଲ ଅମଳ ବିଷୟରେ ଧାରଣା ଥିବା ଦରକାର ।

## ପାକଶାଳା ବଗିଚା ପ୍ରସ୍ତୁତି

ଜମିକୁ ଭଲଭାବରେ ଦୁଇରୁ ତିନିଥର ଭଲ ଭାବରେ ହଳ କରି ମାଟିକୁ ଗୁଣ୍ଡ କରିଦେବା । ଶେଷ ଓଡଚାଷ ପୂର୍ବରୁ ଜିଆଖତ ପ୍ରତି ବର୍ଗମିଟର ପ୍ରତି ୧ କେଜି ପ୍ରୟୋଗ କରିବା ଆବଶ୍ୟକ କିମ୍ବା ସଢ଼ା ଗୋବର ଖତ ତିନ ରୁ ଚାରି କେଜି ପ୍ରୟୋଗ କରିବା ଦରକାର । ଜମିକୁ ଛୋଟ ଛୋଟ କିଆରୀରେ ବିଭକ୍ତ କରିଦେବା । ପ୍ରତ୍ୟେକ ପଟାଳି ୪ ମିଟର ଲମ୍ବା ଓ ୨ ମିଟର ଚଉଡ଼ା ହେବା ଆବଶ୍ୟକ । ପ୍ରତି ଦୁଇ ପଟାଳି ମଧ୍ୟରେ ଜଳସେଚନ ଓ ଜଳ ନିଷ୍କାସନ ପାଇଁ ନାଳୀର ବ୍ୟବସ୍ଥା କରାଯିବା ଉଚିତ୍ । ଏହିପରି ଭାବରେ ୨୦୦ବର୍ଗମିଟର ଜାଗାରେ ୧୬ଟି ପଟାଳି ହୋଇ ପାରିବ ।

## ପାକଶାଳା ବଗିଚାର ଫସଲ ଚୟନ

| ନକ୍ସା | ଗ୍ରୀଷ୍ମଋତୁ | ବର୍ଷାଋତୁ | ଶୀତଋତୁ |
|---|---|---|---|
| | କୋଶଳା | କୋଶଳା | ପାଳଙ୍ଗ |
| | ଖଡାଶାଗ | ଖଡାଶାଗ | ମେଥି |
| | ପୋଇ ଶାଗ | ପୋଇ ଶାଗ | ଧନିଆ |
| | ଲେଉଟିଆ | ସୁନୁସୁନିଆ | କୋଶଳା |
| | ଲଙ୍କା | ଭେଣ୍ଡି | ମୂଳା |
| | ବାଇଗଣ | ଲଙ୍କା | ଗାଜର |
| | ଭେଣ୍ଡି | ବାଇଗଣ | ପିଆଜ |
| | ଝୁଡୁଙ୍ଗ | ବିନ୍ସ | କ୍ୟାପସିକମ୍ |
| | କାକୁଡ଼ି | ଜହ୍ନି | ଆଳୁ |
| | କଲରା | କଖାରୁ | ଟମାଟୋ |
| | କଲରା | କଲରା | ମଟର |
| | ଲାଉ | କୁନ୍ଦୁରି | ଫୁଲକୋବି |
| | ଜହ୍ନି | କାକୁଡି | ବନ୍ଧାକୋବି |
| | କୁନ୍ଦୁରି | ପୋଟଳ | ବ୍ରୋକଲି |
| | ପୋଟଳ | ପୋଟଳ | ଆଳୁ |
| | ପୋଟଳ | କୁନ୍ଦୁରି | ରସୁଣ |




ଅମୃତଭଣ୍ଡା-୬ଟା
ଲେମ୍ବୁ- ୨ଟା
କଦଳୀ- ୨ଟା
ସଜନା- ୨ଟା

## ଖତ ସାର ପ୍ରୟୋଗ

ଜୈବିକ ସାର ହିସାବରେ ଆମେ ପାକଶାଳା ବଗିଚ୍ଚରେ ସଢ଼ାଗୋବର ଖତ, ଜିଆଖତ, ଜୀବାଣୁ ସାର, ଜୀବାମୃତ, ପଞ୍ଚଗବ୍ୟ ଇତ୍ୟାଦି ପ୍ରୟୋଗ କରିପାରିବା ।

**୧-ଜିଆଖତ :** ପ୍ରତି ବର୍ଗମିଟରରେ ୧ କେଜି ହିସାବରେ ପ୍ରୟୋଗ ।

**୨-ସଢ଼ା ଗୋବର ଖତ :** ପ୍ରତି ବର୍ଗମିଟରରେ ୩ରୁ ୪ କେଜି ହିସାବରେ ପ୍ରୟୋଗ ।

**୩-ଜୀବାମୃତ ପ୍ରସ୍ତୁତି :** ୫କେଜି ଗୋବରରେ ୧ କେଜି ବେସନ, ୫ ଲିଟର ଗୋମୁତ୍ର, ୧ କେଜି ଗୁଡ଼, ୧ କେଜି ବଗିଚ୍ଚ ମାଟି ଏବଂ ୧୦୦ ଲିଟର ପାଣି ମିଶାଇ ୨୦ ଦିନ ପର୍ଯନ୍ତ ରଖିବ ତା ପରେ ଏହି ମିଶ୍ରଣକୁ ୧ ଲିଟର ପାଣିରେ ୫୦ ମିଲି ମିଶାଇ ମାଟି ତଥା ଗଛରେ ସିଞ୍ଚନ କରିବା । ଏହା ମାଟିର ସ୍ୱାସ୍ଥ୍ୟ ବଜାୟ ରଖିବା ସଙ୍ଗେସଙ୍ଗେ ଗଛକୁ ପୋଷକତତ୍ତ୍ୱ ଯୋଗାଇଥାଏ ।

**୪- ଜୀବାଣୁ ସାର :** ଜୀବାଣୁ ସାର ହିସାବରେ ଆମେ ଆଜୋଟୋ ବାକ୍ଟର, ଆଜୋସ୍ପିରିଲମ୍ ଓ ପି.ଏସ୍.ବି. ସାର ବ୍ୟବହାର କରିପାରିବା । ୧ କିଲୋଗ୍ରାମ ଜୀବାଣୁ ସାରକୁ ୨୫ କେଜି ସଢ଼ା ଗୋବର ଖତ ସହିତ ମିଶାଇ ସାତଦିନ ରଖି ଦିଆଯାଏ । ଏହାକୁ ଗଛ ଲଗାଇବା ସମୟରେ ପ୍ରୟୋଗ କରିବାକୁ ପଡ଼େ । ଏହାର ପ୍ରୟୋଗ ଦ୍ୱାରା ଏକର ପ୍ରତି ୮କେଜି ଯବକ୍ଷାରଜାନ ବିବନ୍ଧନ ହୋଇଥାଏ ଓ ୨୦ ଭାଗ ଅଧିକ ଅମଳ ମିଳିଥାଏ ।

**୫- ପଞ୍ଚଗବ୍ୟ :** ଚାରି କୋଜି ଗୋବର ସହିତ ଅଧକେଜି ଘିଅ ମିଶାଇ ତିନିଦିନ ରଖାଯାଏ ଏହି ମିଶ୍ରଣ ସହିତ ତିନି ଲିଟର ଗୋମୂତ୍ର ଓ ୧୦ ଲିଟର ପାଣି ମିଶାଇ ୭ ଦିନ ଛାଡି ଦିଆଯାଏ । ସାତ ଦିନ ପରେ ଏହି ମିଶ୍ରଣ ସହିତ ୧ ଲିଟର କ୍ଷୀର, ୧ ଲିଟର ଦହି, ୧ କେଜି ଗୁଡ଼, ଏକ ଲିଟର ନଡିଆପାଣି, ୧୨ ଟି ପାଚିଲା କଦଳୀ ମିଶାଇ ୧୦ ଦିନ ରଖାଯାଏ । ଏହି ମିଶ୍ରଣକୁ (୩୦ମି.ଲି.) ଏକ ଲିଟର ପାଣିରେ ମିଶାଇ ମାଟିରେ ତଥା ଗଛରେ ସିଞ୍ଚନ କରାଯାଏ । ଏହା ଦ୍ୱାରା ଗଛକୁ ପୋଷକତତ୍ତ୍ୱ ମିଳିବା ସଂଗେ ସଂଗେ ମାଟି ଉର୍ବର ଓ ସୁସ୍ଥ ରହେ ।

**ଜଳସେଚନ :**

ଖରାଦିନରେ ବା ଗ୍ରୀଷ୍ମଋତୁରେ ୩ରୁ ୪ ଦିନ ଅନ୍ତରରେ ଜଳସେଚନ କରିବାକୁ ପଡ଼ିଥାଏ । ଶୀତ ଋତୁରେ ୭-୮ ଦିନ ଅନ୍ତରରେ ଜଳସେଚନ କରାଯାଏ । ବର୍ଷାଋତୁରେ ଜଳସେଚନର ଆବଶ୍ୟକତା ପଡ଼ିନଥାଏ ।

**ଘାସ ନିୟନ୍ତ୍ରଣ :**

ସଦା ସର୍ବଦା ପାକଶାଳା ବଗିଚ୍ଚକୁ ପରିଷ୍କାର ରଖିବା ଆବଶ୍ୟକ । ପଲିଥିନ୍ ଆଚ୍ଛାଦନ ଦ୍ୱାରା ଘାସ ନିୟନ୍ତ୍ରଣ କରିହେବ । ନଚେତ୍ ଘରର ସଦସ୍ୟ ପ୍ରତି ୭ ଦିନ ଅନ୍ତରରେ ଘାସ ବଛାବଛି କରିପାରିବେ ।

**ରୋଗପୋକ ନିୟନ୍ତ୍ରଣ :**

**ଝାଉଁଳାରୋଗ, ମୂଳସଢ଼ାରୋଗ, ପତ୍ର ପଚ୍ଚରୋଗ, କବକ ଜନିତ ରୋଗ**

**୧-ଟ୍ରାଇକୋଡର୍ମା ଭିରିଡ଼ି :** ଏହା ଏକ ଦରକାରୀ କବକ । ଏହାକୁ ପନିପରିବା ନର୍ସରୀର ପ୍ରତି ବର୍ଗମିଟର ପିଛା ୨୫ ଗ୍ରାମ୍ ପ୍ରୟୋଗ କଲେ କବକ ଜନିତ ରୋଗକୁ ନିୟନ୍ତ୍ରଣ କରିହୁଏ । ଏହି ଟ୍ରଇକୋଡର୍ମା ଭିରିଡ଼ି ୬ରୁ ୧୦ଗ୍ରାମ୍ ପ୍ରତି କେଜି ମଞ୍ଜିରେ ମିଶାଇ ବିଶୋଧନ କଲେ କବକ ଜନିତ ରୋଗ ହୁଏନାହିଁ । ୫ଗ୍ରାମ୍ ଟ୍ରାଇକୋଡର୍ମା ଭିରିଡିକୁ ୧ କେଜି ଖତରେ ମିଶାଇ ଗଛ ଚାରିପଟେ ପ୍ରୟୋଗ କରାଯାଏ । ୩ ଗ୍ରାମ୍ ଟ୍ରାଇକୋଡର୍ମା ଭିରିଡିକୁ ୧ ଲିଟର ପାଣିରେ ମିଶାଇ ପତ୍ରର ଦୁଇପଟେ ସିଞ୍ଚନ କରାଯାଏ ।

**୧% ବୋର୍ଡକ୍ସ ମିଶ୍ରଣ :**

୧% ବୋର୍ଡକ୍ସ ମିଶ୍ରଣ ପ୍ରସ୍ତୁତି ପାଇଁ ୧୦୦ ଗ୍ରାମ ତୁତିଆ, ୧୦୦ ଗ୍ରାମ୍ ଚୂନ ଓ ୧୦ ଲିଟର ପାଣି ଆବଶ୍ୟକ । ୧୦୦ ଗ୍ରାମ ତୁତିଆକୁ ୫ ଲିଟର ପାଣିରେ ଏକ ମାଟି ପାତ୍ରରେ ମିଶାଇବ । ୧୦୦ ଗ୍ରାମ୍ ଚୂନକୁ ୫ ଲିଟର ପାଣିରେ ଆଉ ଏକ ମାଟି ପାତ୍ରରେ ମିଶାଇବା । ତୁତିଆ ମିଶା ପାଣି ଓ ଚୂନପାଣିକୁ ଆଉ ଏକ ମାଟି ପାତ୍ରକୁ ଆସ୍ତେ ଆସ୍ତେ ଢାଳିବା । ଏହି ଦ୍ରବଣ ଠିକ୍ ଭାବରେ ପ୍ରସ୍ତୁତ ହୋଇଛି କି ନାହିଁ ଜାଣିବା ପାଇଁ ଏକ ଛୁରୀ ଦ୍ରବଣରେ ବୁଡ଼ାଇବା । ଯଦି ଛୁରୀରେ କିଛି ଦାଗ ନ ଆସେ ତାହା ହେଲେ ମିଶ୍ରଣ ପ୍ରସ୍ତୁତ ହୋଇଗଲା

ବୋଲି ଜାଣିବା । ଯଦି ଛୁରୀରେ ନାଲି ରଙ୍ଗର ପରସ୍ତ ପଡେ, ତାହେଲେ ଆଉ ଟିକେ ଚୂନ ପକାଇ ଘାଣ୍ଟିବା ଯେ ପର୍ଯ୍ୟନ୍ତ ଛୁରୀରେ ନାଲି ରଙ୍ଗର ପରସ୍ତ ନପଡ଼ିଛି ସେ ପର୍ଯ୍ୟନ୍ତ ଘାଣ୍ଟିବା । ଏହି ମିଶ୍ରଣକୁ ମାଟିରେ ଗଛମୂଳରେ ଦେବା । ୫% ମିଶ୍ରଣ ପ୍ରସ୍ତୁତ ପାଇଁ ୫୦ ଗ୍ରାମ୍ ତୁତିଆକୁ ୫ ଲିଟର ପାଣି ଓ ୫୦ ଗ୍ରାମ ଚୂନକୁ ୫ ଲିଟର ପାଣିରେ ମିଶାଇ ଉପରୋକ୍ତ ଉପାୟରେ ମିଶ୍ରଣ ପ୍ରସ୍ତୁତ କରିବା । ଏହି ମିଶ୍ରଣକୁ ପତ୍ରରେ ସିଞ୍ଚନ କଲେ କବକ ଜନିତ ରୋଗକୁ ଦମନ କରିହେବ ।

## ପୋକ ନିୟନ୍ତ୍ରଣ

**୧-ବ୍ରହ୍ମାସ୍ତ୍ର :** ୩ କି.ଗ୍ରା. ନିମ୍ବପତ୍ର ସହିତ ୧୦ ଲିଟର ଗୋମୂତ୍ର, ୨କି.ଗ୍ରା. ଆତପତ୍ର, ୨ କି.ଗ୍ରା. ଅମୃତଭଣ୍ଡା ପତ୍ର, ୨କି.ଗ୍ରା. ଡାଳିମ୍ବ ପତ୍ର, ୨ କି.ଗ୍ରା. ପିଜୁଳି ପତ୍ରକୁ ମିଶାଇ ମିଶ୍ରଣକୁ ଅଧା ହେଲା ପର୍ଯ୍ୟନ୍ତ ଫୁଟାଇବା । ଏହି ମିଶ୍ରଣକୁ ୨୪ ଘଣ୍ଟା ରଖି ଛାଣି ଦେବା । ଏହି ମିଶ୍ରଣକୁ (୪୦ମି.ଲି.) ୧ ଲିଟର ପାଣିରେ ମିଶାଇ ଗଛରେ ସିଞ୍ଚନ କଲେ ଶୋଷକ କୀଟକୁ ଦମନ କରିହେବ ।

**୨-ନିମାସ୍ତ୍ର :** ୧୦ ଲିଟର ଗୋମୂତ୍ରରେ ୩ କି.ଗ୍ରା. ନିମ୍ବପତ୍ର ଏବଂ ୨୫୦ଗ୍ରାମ୍ ଲଙ୍କା ପେଷ୍ଟକୁ ମିଶାଇ ପନ୍ଦର ଦିନ ପର୍ଯ୍ୟନ୍ତ ପଚିବା ପାଇଁ ରଖାଯାଏ । ତା' ପରେ ଏହାକୁ ଛାଣି ୩୦ ମି.ଲି. ହିସାବରେ ପ୍ରତି ଲିଟର ପାଣିରେ ମିଶାଇ ଗଛରେ ସିଞ୍ଚନ କଲେ ଧଳା ମାଛି, ଉକୁଣିଆ ପୋକ ଇତ୍ୟାଦିକୁ ଦମନ କରିହୁଏ ।

## ଅମଳ :

ଗୋଟିଏ ଛଅ ସଦସ୍ୟ ବିଶିଷ୍ଟ ପରିବାର ପାଇଁ ବର୍ଷକୁ ୬୭୫ କେଜି ପନିପିରବା ଓ ୨୨୦ କି.ଗ୍ରା. ଫଳ ଆବଶ୍ୟକ ହୋଇଥାଏ । ୨୦୦ ବର୍ଗମିଟର ଆୟତନର ଷୋହଳ ଗୋଟି କିଆରୀକୁ ବର୍ଷକୁ ପ୍ରାୟ ୧ କ୍ୱିଣ୍ଟାଲ ପନିପରିବା ଅମଳ ହୋଇଥାଏ । ଫଳଗଛ ରୁ ୨୫୦ କି.ଗ୍ରା. ଅମଳ ମିଳିଥାଏ । ଆବଶ୍ୟକତାଠାରୁ ଅଧିକ ପନିପରିବା ଓ ଫଳକୁ ବଜାରରେ ବିକ୍ରି କରି ବର୍ଷକୁ ପ୍ରାୟ ୩ ହଜାରରୁ ୫ ହଜାର ଟଙ୍କା ରୋଜଗାର କରିହେବ ।

